ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ
କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



# ସମ୍ପାଦକୀୟ...

## ଯତ୍ନଶୀଳ ହେବା ଦରକାର

ମାଜରେ ମଣିଷ ହିଁ ଏକମାତ୍ର ଜୀବ ଯାହାଙ୍କର ସମାଜ ପ୍ରତି କିଛି କର୍ତ୍ତବ୍ୟ ରହିଛି ଏବଂ କିଛି ଅଧିକାର ବି ରହିଛି, ସମାଜ ଠାରୁ କିଛି ପାଇବାର ଆଶା ବି ରହିଛି । କର୍ତ୍ତବ୍ୟ ଏବଂ ଅଧିକାରର କଥା କେବଳ ମଣିଷ କ୍ଷେତ୍ରରେ ଲାଗୁହୁଏ । ଜୀବଜଗତର ଅନ୍ୟ କୌଣସି ଜୀବ କ୍ଷେତ୍ରରେ ସେପରି ହୁଏ ନାହିଁ ଯେହେତୁ ବୁଦ୍ଧି , ବିବେକ, ବିଚାରଧାରା କେବଳ ମଣିଷ ପାଖରେ ରହିଛି । ଏଣୁ କର୍ତ୍ତବ୍ୟ, ଅଧିକାରର କଥା କେବଳ ମଣିଷ ଜୀବନର ପରିସର ଭିତରେ ଆସିଥାଏ; ଆସିବା ଉଚିତ୍ ମଧ୍ୟ । ଅନ୍ୟଥା ସଂସାରର ଶ୍ରେଷ୍ଠ ଜୀବ ଭାବରେ ମାନ୍ୟତାପ୍ରାପ୍ତ ମଣିଷ ଜୀବନରେ କି ମାନେ ରହିବ ? ଏ କଥା ବୁଝିବା ଲୋକ ଅନେକ ଅଛନ୍ତି ଏ ଦୁନିଆରେ । ହେଲେ କିଛି ଅବୁଝା ଲୋକ ବି ଅଛନ୍ତି ଯେଉଁମାନେ ତାଙ୍କ ହିସାବରେ କାମ କରନ୍ତି । ତାଙ୍କ ନିଷ୍ପତ୍ତିରେ କାମ କରନ୍ତି । ସମସ୍ତେ ବି ସେଇଆ କରନ୍ତି । ମଣିଷ ପାଖରେ ସେଭଳି ବିଚାରଧାରା ତ ରହିଛି ନିଶ୍ଚୟ । କେବେ କେବେ ସମାଜର କେତେକ ବୁଦ୍ଧିମାନ ଲୋକ ଅଧିକ ଚତୁରତାର ସହ କାମ କରନ୍ତି । ସେହି ଚତୁରତା ମଧ୍ୟରେ ସେମାନେ ତାଙ୍କର ଅବିବେକୀ ପଣିଆ ବି ପ୍ରଦର୍ଶନ କରନ୍ତି ଯାହା ସେମାନେ ଜାଣିପାରନ୍ତି ନାହିଁ କି ଜାଣିଶୁଣି ସେମାନେ କରନ୍ତି, ତାହା ବି ଜଣାପଡ଼ିଯାଏ ପରେ । ଅଧିକ ଚାଲାକୀରୁ କାଉ ଫସିଗଲାଭଳି ସେମାନେ ବି ଫସିଯାଆନ୍ତି ବେଳେବେଳେ ଆଇନ ଜାଲରେ । ବଡ଼ ବଡ଼ିଆମାନେ କିନ୍ତୁ ଅନେକ ସମୟରେ ଖସିଯାଆନ୍ତି ହେଲେ ପରେ ଫସିଯାଆନ୍ତି, କିନ୍ତୁ ସମାଜର କେତେକ ନିର୍ଦ୍ଦିଷ୍ଟ ବର୍ଗର ଅବା କେତେକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକ ଅଛନ୍ତି ଯେଉଁମାନେ ବିଶେଷକରି ସମାଜର ବିଭଶାଳୀ ବା ପ୍ରଭାବଶାଳୀ ଭାବରେ ପରିଚିତ , ସେମାନେ କିନ୍ତୁ ଏତେ ସହଜରେ ଅସୁବିଧାରେ ପଡ଼ନ୍ତି ନାହିଁ । ସରକାରରେ ଥିବା ସମାଜର କ୍ଷମତାଶାଳୀ ବ୍ୟକ୍ତିମାନେ ବି ଅନେକ ସମୟରେ ଖସିଯାଆନ୍ତି । ଏଥିପାଇଁ ଯେ ସେମାନେ ସରକାରରେ ଥାଆନ୍ତି ତାହା ନୁହେଁ । ସରକାରୀ ପ୍ରଶାସନରେ ଥିବା ବ୍ୟକ୍ତିମାନେ ସେମାନଙ୍କ କ୍ଷମତା ବଳରେ ବହୁତ କିଛି କରି ପାରନ୍ତି; ସବୁ କିଛି ନୁହେଁ । ସେମାନେ ତ ଭଗବାନ ନୁହଁନ୍ତି । ବେଳେ ବେଳେ ସରକାରରେ ଥିବା କେତେକ କ୍ଷମତାଶାଳୀ ବ୍ୟକ୍ତିମାନେ ଏପରି କିଛି କାମ କରନ୍ତି ଯେପରିକି ସେମାନେ ଭଗବାନ, ଯେପରିକି ସେମାନେ ସର୍ବେସର୍ବା । ଏହା କେବେ ବି ଠିକ୍ ନୁହେଁ ହେଲେ ଏହା ହିଁ ହୁଏ । ବେଳେବେଳେ ସେମିତି ବି ହୁଏ ଯେମିତି ହୋଇଛି ଋଷିଆରେ । ବିଶ୍ୱର ପ୍ରଭାବଶାଳୀ ରାଷ୍ଟ୍ର ଋଷିଆ । ଦିନେ ଋଷିଆ ତା'ର ପ୍ରଭାବରେ ସାରା ବିଶ୍ୱକୁ ପ୍ରଭାବିତ କରିଥିଲା । ୟୁନାଇଟେଡ୍ ଷ୍ଟେଟ୍ସ ଅଫ୍ ସୋଭିଏତ୍ ଋଷିଆ ଯାହାର ପ୍ରଭାବରେ ଆମେରିକା ବି ପ୍ରଭାବିତ ହୋଇଯାଇଥିଲା, ଯାହାର ଶକ୍ତି ପ୍ରଦର୍ଶନ ତଥା ବୁଦ୍ଧିମତାରେ ବିଶ୍ୱର ସର୍ବାଧିକ ପ୍ରଭାବଶାଳୀ ଯୁକ୍ତରାଷ୍ଟ୍ର ଆମେରିକା ବି ପ୍ରଭାବିତ ହୋଇଯାଇଥିଲା । ସେହି ଋଷିଆ ତା'ର ଉନ୍ନତ ଶୈଳୀ ଶାସନ ପାଇଁ ସାରା ବିଶ୍ୱରେ ତା'ର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା । ସେହି ଋଷିଆରେ ଆଜି ଚାଲିଛି ମନମାନୀ । ଋଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ମନମାନୀ । ୨୦୦୦ରୁ ୨୦୦୮ ପର୍ଯ୍ୟନ୍ତ ଋଷିଆରେ ରାଷ୍ଟ୍ରପତି ପଦରେ ଥିବା ଭ୍ଲାଦିମୀର ପୁଟିନ୍ ସେହିବର୍ଷ ଦେଶର ରାଷ୍ଟ୍ରପତି ପଦ ଛାଡ଼ିଥିଲେ । ସେ ଆହୁରି କିଛିବର୍ଷ ରହିପାରିଥାନ୍ତେ ହେଲେ ୧୯୯୩ରେ ଦେଶୀୟ ସମ୍ବିଧାନରେ ଲାଗୁହୋଇଥିବା ନୂଆ ନିୟମ ଅନୁସାରେ କେହି ବି ରାଷ୍ଟ୍ରପତି ଲଗାତାର ଦୁଇଟି କାର୍ଯ୍ୟକାଳ ଶେଷ କରିବା ପରେ ତୃତୀୟ ଥର ସେ ଆଉ ସେହି କ୍ଷମତାରେ ରହିପାରିବେ ନାହିଁ କି ସେହି କ୍ଷମତା ଉପଭୋଗ କରିପାରିବେ ନାହିଁ । ସେହି ନିୟମ ଅନୁସାରେ ପୁଟିନ ସେହି ବର୍ଷ ତାଙ୍କ ପଦ ଛାଡ଼ିଥିଲେ ଏବଂ ଋଷିଆରେ ସେ ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ପଦରେ ଅଭିଷିକ୍ତ ହୋଇଥିଲେ । ୨୦୦୮ରୁ ୨୦୧୨ ପରେ ପୁଣି ଦେଶର ରାଷ୍ଟ୍ରପତି ପଦରେ ଅଭିଷିକ୍ତ , ହୋଇଥିଲେ ଯେହେତୁ ଚାଲାକୀ କରି ସେ ସେହି ସମୟରେ ଦେଶର ସମ୍ବିଧାନରେ ପରିବର୍ତ୍ତନ କରିଦେଇଥିଲେ । ୧୯୯୩ର ସମ୍ବିଧାନ ସଂଶୋଧନ ନିୟମକୁ ପୁନର୍ବାର ସଂଶୋଧନ କରିଦେଇ ନିଜେ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ୍ ସେହି ସମୟରେ ସମ୍ବିଧାନରେ ଏପରି କିଛି ପରିବର୍ତ୍ତନ କରିଦେଲେ ଯାହା ଫଳରେ ଦେଶରେ ଆଗାମୀ ସମୟରେ ଦୁଇଟି ଟର୍ମରୁ ଅଧିକ ସମୟ ଧରି ଦେଶରେ ରାଷ୍ଟ୍ରପତି ଭାବରେ ତିଷ୍ଠି ରହିବାର ବାଟ ଫିଟାଇଥିଲେ । ସେହି ନିୟମାନୁସାରେ ୨୦୧୨ରୁ ଏଯାବତ ସେ ଋଷିଆରେ ରାଷ୍ଟ୍ରପତି ଭାବରେ ରହିଛନ୍ତି ଏବଂ ଆଗାମୀ ଏକ ଲମ୍ବା ସମୟ ଧରି ସେ ଦେଶରେ ରାଷ୍ଟ୍ରପତି ଭାବରେ ରହିପାରିବେ । ପ୍ରାୟ ୨୦୩୬ ପର୍ଯ୍ୟନ୍ତ ସେ ସେହି ପଦରେ ରହିବେ ବୋଲି ଆଶା । ହେଲେ ଏପରି କାହିଁକି କଲେ ପୁଟିନ୍ । କୌଣସି ଜରୁରୀକାଳୀନ ପରିସ୍ଥିତି ସମୟରେ ଦେଶକୁ ଜଣେ ସଶକ୍ତ ରାଷ୍ଟ୍ରପତି ପଦ ଦରକାର ଯାହା କେବଳ ସେ ହିଁ ତୁଲାଇପାରିବେ । ସେଥିପାଇଁ ସେ ଏପରି ପରିବର୍ତ୍ତନ କରିଛନ୍ତି ଦେଶର ସମ୍ବିଧାନରେ ଯାହା କେତେଦୂର ଯୁକ୍ତିଯୁକ୍ତ ତାହା ସମୟ କହିବ ।

# ସାମ୍ପ୍ରଦାୟିକ ରାଷ୍ଟ୍ରବାଦ ଏବଂ ଧର୍ମଗୁରୁ

॥ ଗୋପାଳ ମହାପାତ୍ର ॥

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୁଖ୍ୟ ମୋହନ ଭାଗବତ କିଛି ମାସ ହେବ ଚର୍ଚ୍ଚାରେ ରହିଛନ୍ତି । ପ୍ରଥମେ କିଛି ମାସ ତଳେ ଭାଷଣ କ୍ରମରେ ଅସ୍ପଷ୍ଟ ସଙ୍କେତ ଦେଲେ ଯେ ରାଜନେତା ମାନେ ୭୫ ବର୍ଷ ବୟସରେ ରାଜନୀତିରୁ ଅବସର ନେବା ଉଚିତ୍ । ମୋହନ ଭାଗବତଙ୍କ ଏହି କଥା ବା ସଙ୍କେତକୁ ପ୍ରଧାନମନ୍ତ୍ରୀ ମୋଦୀ ୭୫ବର୍ଷରେ ପହଞ୍ଚିବା ପରେ ପଦବୀ ଛାଡିବେ ବୋଲି ଜୋଡି ଦିଆଗଲା । ଏହାକୁ ନେଇ ବିରୋଧିମାନେ ମଧ୍ୟ ଅନେକ କଥା କହିଲେ । ପୁଣି ଦିଲ୍ଲୀରେ ସଂଘର କାର୍ଯ୍ୟକ୍ରମରେ ପୂର୍ବରୁ କହିଥିବା କଥା ଉପରେ ସ୍ପଷ୍ଟିକରଣ ଦେଇ କହିଲେ ଯେ ସେ ୭୫ବର୍ଷ ପ୍ରସଙ୍ଗରେ ଯାହା କହିଥିଲେ ତାର କିଛି ମୂଲ୍ୟ ନାହିଁ । ୨୦୨୫ ସେପ୍ଟେମ୍ବର ୧୨ ତାରିଖରେ ମୋହନ ଭାଗବତଙ୍କ ୭୫ତମ ଜନ୍ମଦିନ ପାଳନ କରାଯାଇଥିଲା ଓ ତାଙ୍କ ଜନ୍ମଦିନର କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ରବିଶଙ୍କର ଯୋଗଦେଇଥିଲେ । ରବିଶଙ୍କରଙ୍କୁ ଜଣେ ପ୍ରମୁଖ ଧର୍ମଗୁରୁ ବୋଲି ଗ୍ରହଣ କରାଯାଇଥାଏ । ଏପରିକି ବାବା ମାନଙ୍କ ଗୋଷ୍ଠି ବା ସମୂହର ସେ ଜଣେ ପ୍ରମୁଖ ବ୍ୟକ୍ତି ଭାବେ ଜଣାଶୁଣା । ରବିଶଙ୍କର ଭାଗବତଙ୍କ ଜନ୍ମଦିନ ଅବସରରେ ଯୋଗଦେଇ କହିଥିଲେ ଯେ ରାଜନୀତିର ଦୁନିଆରେ ସେ ପଶିବାକୁ ଚାହାଁନ୍ତି ନାହିଁ, ତାଙ୍କ ମୁଖ୍ୟ ଚିନ୍ତା ଆଧାତ୍ମିକ ଆର୍ଟ ଅଫ୍ ଲିଭିଙ୍ଗ ନାମରେ ତାଙ୍କର ଏକ ବିଶାଳ ସାମ୍ରାଜ୍ୟ ରହିଛି ଓ ଅନ୍ୟ ବାବା ମାନଙ୍କ ଭଳି ତାଙ୍କର ଅପାର ସମ୍ପତ୍ତି ମଧ୍ୟ ରହିଛି । ଏହା ଏକ ବିରୋଧାଭାସ ନିଶ୍ଚୟ । ବାବାମାନେ ସାଧାରଣତଃ ଉପଦେଶ ଦେଇଥାନ୍ତି ଯେଧନ, ସଂସାର ସବୁ ମିଛ ମାୟା ଏବଂ ଏସବୁ ପଛରେ ଦୌଡିବା ଉଚିତ୍ ନୁହେଁ । କିନ୍ତୁ ବାବାମାନେ ଅପାର ଅଚଳାଚଳ ସମ୍ପତ୍ତି ଅର୍ଜନ କରୁଛନ୍ତି ।

ରବିଶଙ୍କର ସୁଦର୍ଶନ କ୍ରିୟାକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି ଏବଂ ଏହି କ୍ରିୟା ଯୋଗର ଶିକ୍ଷା ଦେଇ ଲକ୍ଷ ଲକ୍ଷ ଅନୁଗାମୀ/ଭକ୍ତଙ୍କୁ ଆକର୍ଷିତ କରିଛନ୍ତି । ରବିଶଙ୍କର ଯୋଗ ଶିକ୍ଷା ଦେବା ସହ ଆର୍ଟଅଫ ଲିଭିଙ୍ଗର ସ୍ଥାପନା କରି ଅନେକଙ୍କୁ ଏଥିରେ ସାମିଲ କରିପାରିଛନ୍ତି । ୨୦୧୭ ରେ ସେ ଏକ ସାଂସ୍କୃତିକ ଉତ୍ସବର ଆୟୋଜନ କରିଥିଲେ । ଏହି ଉତ୍ସବ ପାଇଁ ଯମୁନା ନଦୀର ପାରିପାର୍ଶ୍ୱିକ ପରିସ୍ଥିତି ଏବଂ ପ୍ରଦୂଷଣ ଜନିତ କ୍ଷତି ହୋଇଥିଲା ଏଥିପାଇଁ ଉତ୍ସବର ଅନ୍ୟତମ ଆୟୋଜକ ସୁଶାନ୍ତ ସିଂହ ରାଜପୁତଙ୍କ ଉପରେ ଏନ୍‌ଜିଟି କୋଟି କୋଟି ଟଙ୍କାର ଜୋରିମାନା ଲଗାଇଥିଲେ କିନ୍ତୁ ଆୟୋଜକ ମଣ୍ଡଳୀ ଏହି ଜୋରିମାନା ଦେବାକୁ ମନା କରିଥିଲେ । ଆନ୍ନା ହଜାରେଙ୍କ ଭ୍ରଷ୍ଟାଚାର ବିରୋଧି ଆନ୍ଦୋଳନକୁ ରବିଶଙ୍କର ସମର୍ଥନ କରୁଥିଲେ । ସୁଶାନ୍ତ ସିଂହ ରାଜପୁତ ଏବଂ ବାବା ରାମଦେବ ମଧ୍ୟ ଏହି ଆନ୍ଦୋଳନକୁ ସଫଳ କରିବା ପାଇଁ ସକ୍ରିୟ ଥିଲେ । ବିଜେପି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ବାବା ରାମଦେବଙ୍କର ଘନିଷ୍ଠ ସମ୍ପର୍କ ରହିଛି । ରାମଦେବ ଯୋଗ ଶିକ୍ଷକରୁ ଏବେ ପତଞ୍ଜଳୀ ବ୍ରାଣ୍ଡର ସଫଳ ବ୍ୟବସାୟୀ ହୋଇପାରିଛନ୍ତି । ଶାସକ ଦଳ ବିଜେପି ସହ ତାଙ୍କର ସମ୍ପର୍କ କାରଣରୁ ରାମଦେବଙ୍କ ବ୍ୟବସାୟର ସାମ୍ରାଜ୍ୟ ଏବେ ଆକାଶ ଛୁଆଁ । ତାଙ୍କ ଯୋଗ କାର୍ଯ୍ୟକ୍ରମ ଲକ୍ଷଲକ୍ଷ ଲୋକଙ୍କୁ ଆକର୍ଷିତ କରିଥାଇ । କୋରୋନା ମହାମାରୀ ସଙ୍କଟ କାଳର ପୁରା ଫାଇଦା ଉଠାଇ ଚିକିତ୍ସା ମାନଦଣ୍ଡର ଉଲଂଘନ କରି ଏକ ନୂଆ ଔଷଧ କୋରୋନିଲ୍‌ଅ କଲେ ବା ବଜାରକୁ ଛାଡିଲେ । ତାଙ୍କର ଏହି ଔଷଧକୁ ଲଞ୍ଚ କରିଥିଲେ ଦୁଇ କେନ୍ଦ୍ରମନ୍ତ୍ରୀ ହର୍ଷବର୍ଦ୍ଧନ ଏବଂ ନୀତିନ ଗଡ଼କରୀ । ତାଙ୍କର ଏହି ଔଷଧକୁ ନେଇ ଇଣ୍ଡିଆନ ମେଡିକାଲ ଆସୋସିଏସନ ଅଦାଲତକୁ ଯାଇଥିଲା ଓ ଅଦାଲତରେ ବାବା ରାମଦେବ କ୍ଷମା ମାଗିବା ପାଇଁ ବାଧ୍ୟ ହୋଇଥିଲେ । ରୁହ-ଆଫଜା ଭଳି ପାନୀୟ ଉତ୍ପାଦ ଭଳି ବାବା ରାମଦେବ ଏକ ଉତ୍ପାଦ ଲଞ୍ଚ କରି ମୁସଲିମ ବିରୋଧି ବୟାନ ଦେବା ଯୋଗୁଁ କ୍ଷମା ମାଗିବା ପାଇଁ ମଧ୍ୟ ବାଧ୍ୟ ହୋଇଥିଲେ ।

ଶାସକ ଦଳ ସହ ଘନିଷ୍ଠତା କାରଣରୁ ବ୍ୟବସାୟିକ ସାମ୍ରାଜ୍ୟ ବୃଦ୍ଧି କରିବା ଏବଂ ସାମ୍ପ୍ରଦାୟିକ ବୟାନ ଦେବା ତାଙ୍କ ପାଇଁ ସହଜ ହୋଇଯାଇଛି । ରାମଦେବଙ୍କ ଭଳି ଅନେକ ଲୋକ ଏ ଦେଶରେ ଅଛନ୍ତି । ସେମାନଙ୍କ ମଧ୍ୟରେ ବାଗେଶ୍ୱର ବାବା ଧିରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ଏକ ନୂଆ ନାମ । ସେ ଲୋକଙ୍କ ଅତୀତ କଥା କହିପାରୁଛନ୍ତି ବୋଲି କୁହାଯାଏ । କିନ୍ତୁ ତାଙ୍କର ଜଣେ ସହଯୋଗୀ/ ଅନୁଗାମୀ ଶ୍ୟାମ ମାନବ ତାଙ୍କୁ ଠକ କହି ଚାଲେ କରିଥିଲେ । ଧିରେନ୍ଦ୍ର ଶାସ୍ତ୍ରୀ ଏବେ ବାଗେଶ୍ୱର ଠାରେ ଆଶ୍ରମ କରି ରହୁଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଧିରେନ୍ଦ୍ର ଶାସ୍ତ୍ରୀଙ୍କୁ ତାଙ୍କ ଛୋଟ ଭାଇ ବୋଲି କହିଛନ୍ତି । ଏବେ ଧିରେନ୍ଦ୍ର ଶାସ୍ତ୍ରୀ ଏକ ହିନ୍ଦୁ ଗ୍ରାମ ସ୍ଥାପନ କରିବେ ବୋଲି କହୁଛନ୍ତି ଯେଉଁ ଗ୍ରାମରେ କେବଳ ହିନ୍ଦୁମାନେ ରହିପାରିବେ ।

ଏକଥା ସତ୍ୟ ଯେ ବାବାମାନେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟ ନୁହଁନ୍ତି । କିନ୍ତୁ ବାବାମାନେ ସଂଘର ହିନ୍ଦୁରାଷ୍ଟ୍ର ଏଜେଣ୍ଡା ସହ ସହମତ ଯାହା ଜାତି ଏବଂ ଲିଙ୍ଗର ପଦାନୁକ୍ରମକୁ ଗୁରୁତ୍ୱ ଦେଇଥାଏ । ଧର୍ମଗୁରୁ ଏକ ପାରମ୍ପରିକ ପଦବୀ ନୁହେଁ । ଏମାନେ ଲୋକଙ୍କୁ ନିଜର ଅନୁଗାମୀ କରିବା ପାଇଁ ବିଭିନ୍ନ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିଥାନ୍ତି । ପାରମ୍ପରିକ ଜ୍ଞାନ ହେଉ ବା ନିଜର ମନଗଢ଼ା କଳ୍ପନା/କାହାଣୀକୁ ନେଇ ଏମାନେ ଏଭଳି ବାକ୍ୟାଂଶ ଗଠନ କରିଥାଁ ଯାହା ସେମାନଙ୍କର ନୂଆ ପରିଚୟ ସୃଷ୍ଟି କରାଇଥାଏ । ଏମାନେ ମଧ୍ୟ ପ୍ରଭାବଶାଳୀ ବକ୍ତା ଅଟନ୍ତି । ଏହି ବାବା ଗୋଷ୍ଠୀର ଏକ ଅନ୍ୟ ପାର୍ଶ୍ୱ ମଧ୍ୟ ରହିଛି । ଶଙ୍କରାଚାର୍ଯ୍ୟ ଜୟେନ୍ଦ୍ର ସରସ୍ୱତୀଙ୍କ ଆଶ୍ରମରେ ଶଙ୍କରରମଣ ନାମକ ଜଣେ ବ୍ୟକ୍ତିର ହତ୍ୟା କରାଯାଇଥିଲା ଓ ଆଶ୍ରମର ଜଣେ କର୍ମଚାରୀ ଶଙ୍କରରମଣଙ୍କ ହତ୍ୟା କରିଥିଲେ ବୋଲି ଅଭିଯୋଗ ହୋଇଥିଲା । ସତ୍ୟସାଇ ବାବାଙ୍କ ପ୍ରଶାନ୍ତି ନିଳୟମରେ ମଧ୍ୟ ଜଣେ ଅନୁଗାମୀଙ୍କର ହତ୍ୟା ହୋଇଥିଲା । ଯେତେବେଳେ ଜୟେନ୍ଦ୍ର ସରସ୍ୱତୀଙ୍କ ବିରୁଦ୍ଧରେ ହତ୍ୟା ଅଭିଯୋଗ ହେଲା ସେତେବେଳେ ଏହି ଅଭିଯୋଗକୁ ବିରୋଧ କରି ଅଟଳ ବିହାରୀ ବାଜପେୟୀ ଓ ଆଶାରାମ ବାପୁ ଧାରଣାରେ ବସିଥିଲେ । ଗୁରୁମିତ ରାମ ରହିମଙ୍କ କଳା କାରବାର ବହୁ ତଥ୍ୟକୁ ଲୋକ ଲୋଚନକୁ ଆଣିଥିବା ସାମ୍ବାଦିକ ରାମଚନ୍ଦ୍ର ଛତ୍ରପତିଙ୍କୁ ହତ୍ୟା କରାଯାଇଥିଲା । ବହୁ କଷ୍ଟରେ ଗୁରୁମିତ ରାମ ରହିମଙ୍କ ଗିରଫ କରାଯାଇଥିଲା ।

ଆଶାରାମ ବାପୁଙ୍କ ଆଶ୍ରମରେ ଦୁଇଟି ଛୋଟ ପିଲାଙ୍କର ହତ୍ୟା ହୋଇଥିଲା । ଅଟଳ ବିହାରୀ ବାଜପେୟୀ ଓ ନରେନ୍ଦ୍ର ମୋଦୀ ଆଶାରାମଙ୍କ ଆଶ୍ରମକୁ ପରିଦର୍ଶନ ପାଇଁ ଯାଇଛନ୍ତି । ୨୦୧୪ର ହରିଆଣା ନିର୍ବାଚନ ବେଳେ ଗୁରୁମିତ ରାମରହିମ ତାଙ୍କ ଅନୁଗାମୀ ମାନଙ୍କୁ ବିଜେପିକୁ ଭୋଟ ଦେବା ପାଇଁ ପରାମର୍ଶ ଦେଇଥିଲେ । ନିର୍ବାଚନରେ ବିଜୟ ପରେ ମନୋହରଲାଲ ଖଟରଙ୍କ ମନ୍ତ୍ରୀମଣ୍ଡଳର ଅନେକ ସଦସ୍ୟ ଗୁରୁମିତଙ୍କ ଆଶୀର୍ବାଦ ନେବା ପାଇଁ ଯାଇଥିଲେ । ଗୁରୁମିତ ରାମରହିମ ଏବେ ଜେଲରେ ରହିଛନ୍ତି କିନ୍ତୁ ଅନେକ ସମୟରେ ପେରୋଲରେ ଆସୁଛନ୍ତି । ମଜାଦାର କଥା ହେଉଛି ଯେଉଁ ଜେଲର ତାଙ୍କୁ ପେରୋଲ ଛାଡିଥିଲେ ସେ ଅବସର ଗ୍ରହଣ ପରେ ବିଜେପିରେ ସାମିଲ ହୋଇଥିଲେ । ବାବା ମାନଙ୍କର ଏଇ ବିଶାଳ ଦୁନିଆରେ ଅନେକ କଥା ରହିଛି କିନ୍ତୁ ଅଲଗା ଅଲଗା ନାମରେ । କେବଳ ଯେ ହିନ୍ଦୁ ସଂସ୍କୃତିର ବାବା ମାନେ ଏଭଳି କରୁଛନ୍ତି ତା ନୁହେଁ ସବୁଧର୍ମ ବା ସମ୍ପ୍ରଦାୟର ଅନେକ ଧର୍ମଗୁରୁ ମାନେ କୌଣସି ନା କୌଣସି ଅଭିଯୋଗରେ ଜଡିତ । ଦେଶରେ ଏମିତି ଅନେକ ବାବା ଅଛନ୍ତି ଓ ସେମାନେ ଅକୁତ ସମ୍ପତ୍ତିର ମାଲିକ ଅଟନ୍ତି । ଓଡ଼ିଶାରେ ମଧ୍ୟ ଏମିତି ବାବା ମାନଙ୍କର ତାଲିକା ଲମ୍ବା ।

ସଂଘର ଅନେକ ଅନୁଗାମୀ ହିନ୍ଦୁରାଷ୍ଟ୍ରର ଗଠନ ପାଇଁ ପ୍ରୟାସରତ କିନ୍ତୁ ସଂଘ ସହ ଯୋଡି ନହୋଇ ମଧ୍ୟ ଅନେକ ବାବା ହିନ୍ଦୁରାଷ୍ଟ୍ରବାଦର ପ୍ରଚାର ପ୍ରସାର ପାଇଁ ବ୍ୟସ୍ତ । ସମାଜ ଉପରେ ଏହାର ଗଭୀର ପ୍ରଭାବ ପଡୁଛି ଏବଂ ସାମାଜିକ ଅସୁରକ୍ଷା ମଧ୍ୟ ବଢୁଛି । ଅନେକ ବାବାଙ୍କ ଜୀବନୀ ମଧ୍ୟ ପ୍ରକାଶିତ ହୋଇଛି । ବାବା ମାନଙ୍କ ଉପରେ ଅଧିକ ଅଧ୍ୟୟନ ଏବେ ସମୟର ଆବଶ୍ୟକତା । ବାବା ମାନଙ୍କର ପ୍ରଭାବ ଦିନକୁ ଦିନ ବଢୁଥିବା ବେଳେ ଗୌରୀ ଲଙ୍କେଶ, ଦାଭୋଲକର, ଗୋବିନ୍ଦ ପାନସରେଙ୍କ ଭଳି ତର୍କବାଦୀଙ୍କ ହତ୍ୟା କରାଯାଉଛି କିନ୍ତୁ ଅଧିକାଂଶ ମାମଲାରେ ଜଡିତ ଅପରାଧି ଖସି ଯାଉଛନ୍ତି ।

*ରାମଚନ୍ଦ୍ରପୁର, ରଣପୁର*
*ମୋ:୯୪୩୮୪୮୫୦୯୪*

# ଚିକିତ୍ସା ଦ୍ୱାରା ଭଲ ହୋଇପାରିବ ଅଟିଜମ୍

॥ ଡାକ୍ତର ଗୁରୁପଦ ମିଶ୍ର ॥

ଅଟିଜମ୍ ହେଉଛି ଏକ ମାନସିକ ବିକୃତି, ଯାହାକି ଶିଶୁ ଠାରେ ୧.୬ରୁ ୨ ବର୍ଷ ବୟସ ମଧ୍ୟରେ ଦେଖାଯାଇଥାଏ । ଏହା ଦ୍ୱାରା କଥା କହିବା, ବୁଝିବା ଓ ଅନ୍ୟ ସହ ଭାଷାର ବ୍ୟବହାର କରି ସାମାଜିକ ସମ୍ପର୍କ ସ୍ଥାପନ କରିବାରେ କଷ୍ଟ ହୋଇଥାଏ । ପ୍ରାକୃତିକ ଖାଦ୍ୟର ଅଭାବ ଓ ଅନିୟମିତ ଖାଦ୍ୟ ଗ୍ରହଣ ଯୋଗୁ ଶିଶୁଙ୍କଠାରେ ଏହା ଦେଖାଯାଇଥାଏ । ଠିକ୍ ଭାବେ ଚିକିତ୍ସା କଲେ ଏହା ଆରୋଗ୍ୟସାଧ ହୋଇପାରିବ ଏବଂ ଏଥିପାଇଁ ବ୍ୟାପକ ସଚେତନତା ଲୋଡ଼ା ବୋଲି ଚିକିତ୍ସକମାନେ ମତ ଦିଅନ୍ତି । ସେମାନଙ୍କ ସୂଚନା ଅନୁଯାୟୀ ଏହି ମାନସିକ ବିକୃତି ଦେଖାଯିବା ପରେ ଅନେକ ଏହା ଭଲ ହେବ ନାହିଁ ବୋଲି ଭାବି ନିଅନ୍ତି । ଫଳରେ ଚିକିତ୍ସା ଅଭାବରୁ ଏହା ବଢ଼ିବା ସହ ଆରୋଗ୍ୟ ହେବାର ସମ୍ଭାବନା କମିଯାଏ । ଅଟିଜମ୍‌ର ଲକ୍ଷଣ ହେଉଛି ଶିଶୁଟି ନିଜ ଦୁନିଆ ଭିତରେ ରହିବାକୁ ଚେଷ୍ଟା କରେ । ସାଙ୍ଗସାଥୀମାନଙ୍କ ସହ ଖେଳ ବୁଲ ନକରି ଏକା ରହିବାକୁ ଚାହିଁଥାଏ । କୌଣସି ଖେଳଣା ପସନ୍ଦ ହୋଇଗଲେ ବେଶି ସମୟ ସେହି ଖେଳଣା ସହ କାଟିବାକୁ ପସନ୍ଦ କରେ । ବିଶେଷ ଭାବାବେଗ ଶିଶୁଠାରେ ଦେଖାଯାଏ ନାହିଁ । ଦୁଃଖରେ କାନ୍ଦିବା କିମ୍ବା ସୁଖରେ ହସିବା ଭଳି ପରିପ୍ରକାଶ କରେ ନାହିଁ । ପ୍ରଥମରୁ ଚିକିତ୍ସା କଲେ ଏହା ଭଲ ହୋଇପାରିବ ନିଶ୍ଚୟ ।

ଏହା ଏ ପରି ଏକ ମାନସିକ ବ୍ୟାଧି, ଯାହାର ଚିକିତ୍ସା ସମ୍ଭବ । ଏହା ଭୋଗୁଥିବା ଶିଶୁ ସାଧାରଣତଃ ନିଜ ଭିତରେ ବିଲୀନ ରହନ୍ତି । ଆତ୍ମବିମୋହତାକୁ ଏକ ରୋଗ ନ କହି ଏକ ଦୋଷ କହିବା ଠିକ୍ ହେବ । ଗର୍ଭାବସ୍ଥାରେ ମାଆ ନିଶାଯୁକ୍ତ ପାନୀୟ, କୋକେନ୍ ସେବନ କରିଥିଲେ ବା ବ୍ୟାବେଲା ଭୋଗିଥିଲେ, ଶିଶୁ ଅଟିଜିମ୍‌ର ଶିକାର ହୁଏ । ସଂପ୍ରତି ଅଟିଜିମ୍ ଭୋଗୁଥିବା ଶିଶୁଙ୍କ ସଂଖ୍ୟା ତିନି କୋଟିରୁ ଅଧିକ । ଭାରତର ୨ ପ୍ରତିଶତ ଲୋକ ଏବେ ମସ୍ତିଷ୍କ ବିକୃତିର ଶିକାର । ଏହାର ନିରାକରଣ କରା ନଗଲେ ଭବିଷ୍ୟତରେ ଏହି ସଂଖ୍ୟା ଦେଶ ପ୍ରତି ଜଟିଳ ସମସ୍ୟା ସୃଷ୍ଟି କରିବ । ତେଣୁ ଏବେଠାରୁ ଏଥିପ୍ରତି ସଚେତନ ହେବା ଦରକାର । ଅଟିଜମ୍ ନିରାକରଣ ପାଇଁ ନୀଳ ରଙ୍ଗକୁ ଏହାର ପ୍ରତୀକ ଭାବେ ବ୍ୟବହାର କରାଯାଉଥିବାରୁ ନୀଳ ରଙ୍ଗକୁ ବ୍ୟବହାର କରାଯାଇ ବିଭିନ୍ନ ସ୍ଲୋଗାନ ମାନ ଲେଖାଯାଇଥାଏ । ପ୍ରତିବର୍ଷ ଏପ୍ରିଲ ୨ ତାରିଖକୁ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ଭାବେ ପାଳନ କରାଯାଇ ଆସୁଛି । ତେବେ ଜାତିସଂଘର ସାଧାରଣ ପରିଷଦ ବୈଠକରେ ଏ ସଂକ୍ରାନ୍ତରେ ଏକ ପ୍ରସ୍ତାବ ୬୨/୧୩୯ ଗତ ୨୦୦୭ ଡିସେମ୍ବର ୧୮ରେ ଗୃହୀତ ହୋଇଥିଲା । ଏହି ପ୍ରସ୍ତାବ ପ୍ରଥମେ କାତାର ପ୍ରତିନିଧି ଆଗତ କରିଥିଲେ ଏବଂ ଏହାକୁ ସବୁ ସଦସ୍ୟ ରାଷ୍ଟ୍ର ସମର୍ଥନ କରିଥିଲେ । ପ୍ରସ୍ତାବରେ ଚାରିଟି ମୁଖ୍ୟ ପ୍ରସଙ୍ଗ ସ୍ଥାନ ପାଇଥିଲା । ପ୍ରଥମତଃ ଏପ୍ରିଲ ୨କୁ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ଭାବେ ଘୋଷଣା କରିବା । ଦ୍ୱିତୀୟରେ ଜାତିସଂଘ, ସବୁ ସଦସ୍ୟ ରାଷ୍ଟ୍ର, ସ୍ୱେଚ୍ଛାସେବୀ ସଂଗଠନ, ଘରୋଇ ଓ ସର୍ବସାଧାରଣ ସଂଗଠନ ବିଶ୍ୱ ଅଟିଜିମ୍ ଦିବସ ପାଳନ କରିବା, ତୃତୀୟତଃ ସମାଜର ସବୁସ୍ତରରେ ଏହିଦିନ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରିବା ଜଣେ ଶିଶୁ ତିନିବର୍ଷରେ ପଦାର୍ପଣ କରିବା ପୂର୍ବରୁ ଏହି ସମସ୍ୟା ଲକ୍ଷଣ ପ୍ରକାଶ ପାଏ । ପ୍ରାପ୍ତ ବୟସରେ ପହଂଚିବା ପରେ ମଧ୍ୟ ଏହି ସମସ୍ୟାରେ ଶିକାର ହୋଇ ଅନେକ ଶିଶୁ ସ୍ୱାଧୀନ ଭାବେ ଜୀବନ ଧାରଣ କରିପାରନ୍ତି ନାହିଁ । ଏହି ମାନସିକ ବିକୃତି ଦେଖାଯିବା ପରେ ଅନେକ ଏହା ଭଲ ହେବ ନାହିଁ ବୋଲି ଭାବି ନିଅନ୍ତି । ଫଳରେ ଚିକିତ୍ସା ଅଭାବରୁ ଏହା ବଢ଼ିବା ସହ ଆରୋଗ୍ୟ ହେବାର ସମ୍ଭାବନା କମିଯାଏ ।

ଅଟିଜମ୍‌ର ଲକ୍ଷଣ ହେଉଛି ଶିଶୁଟି ନିଜ ଦୁନିଆ ଭିତରେ ରହିବାକୁ ଚେଷ୍ଟା କରେ । ସାଙ୍ଗସାଥୀମାନଙ୍କ ସହ ଖେଳ ବୁଲ ନକରି ଏକା ରହିବାକୁ ଚାହିଁଥାଏ । କୌଣସି ଖେଳଣା ପସନ୍ଦ ହୋଇଗଲେ ବେଶି ସମୟ ସେହି ଖେଳଣା ସହ କାଟିବାକୁ ପସନ୍ଦ କରେ । ବିଶେଷ ଭାବାବେଗ ଶିଶୁଠାରେ ଦେଖାଯାଏ ନାହିଁ । ଦୁଃଖରେ କାନ୍ଦିବା କିମ୍ବା ସୁଖରେ ହସିବା ଭଳି ପରିପ୍ରକାଶ କରେ ନାହିଁ । ଅଟିଜମ୍‌ର ଶିକାର ହୋଇଥିବା ପିଲାମାନଙ୍କୁ ନେଇ ସେମାନଙ୍କ ଅଭିଭାବକ ଓ ନିକଟ ସମ୍ପର୍କୀୟମାନେ ସେପରି ଭୟଭୀତ ହେବା ଉଚିତ ନୁହେଁ । ଆଜିକାଲି ସରକାର ଏ ଚିକିତ୍ସାକୁ ଅତ୍ୟନ୍ତ ଗୁରୁତ୍ୱ ପ୍ରଦାନ କରି ରାଜ୍ୟର ବଡ଼ ଡାକ୍ତରଖାନା, ଶିଶୁ ଭବନ ସମେତ ଜିଲ୍ଲାସ୍ତରୀୟ ଡାକ୍ତରଖାନାର ମଧ୍ୟ ଏ ସବୁ ସୁବିଧା ବ୍ୟବସ୍ଥା ରହିଛି । ଏହାର ସୁଯୋଗ ନେବା କଥା ଏବଂ କୌଣସି ପରିସ୍ଥିତିରେ ଗୁଣୀ ଗାରେଡ଼ି ବା ଦେଶୀ ପଦ୍ଧତିର ଚିକିତ୍ସା କରନ୍ତୁ ନାହିଁ । କୌଣସି ପରିସ୍ଥିତିରେ ପିଲାମାନଙ୍କୁ ମାରଧର କରି ବା ଧମକ ଚମକ ଦେଇ ସେମାନଙ୍କୁ ସୁଧାରିବାକୁ ଚେଷ୍ଟା କରନ୍ତୁ ନାହିଁ । ପିଲାଟି ନିଶ୍ଚିନ୍ତ ଆରୋଗ୍ୟସାଧ ହେବ ଏବଂ ତା ଜୀବନର ପରିବର୍ତ୍ତନ ନିଶ୍ଚିନ୍ତ ସମ୍ଭବପର ହୋଇପାରିବ । ଆପଣ ଡାକ୍ତରଙ୍କ ଉପରେ ଭରସା ରଖିବେ ଏବଂ ପିଲାଟିର ପିତାମାତା ସମୟ କାଢ଼ି ପିଲାଟିର ପ୍ରଥମ ବନ୍ଧୁ ଭାବେ ତା ସହିତ ସମ୍ପର୍କ ରକ୍ଷା କରନ୍ତୁ ଏବଂ ତା ପାଇଁ ଏକ ଭଲ ରୁଟିନ, ଖାଇବା ପିଇବା ଓ ବିଶ୍ରାମର ବ୍ୟବସ୍ଥା ସମ୍ପାଦିତ କଲେ ଏବଂ ପିଲାଟି ପ୍ରାଥମିକ ଅବସ୍ଥାରୁ ଚିକିତ୍ସା ପାଇପାରିଲେ ସେ ନିଶ୍ଚିନ୍ତ ଭାବରେ ଆରୋଗ୍ୟ ଲାଭ କରିବ ।

*ଭେଷଜ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*

# ସେବାର ପ୍ରତୀକ : ଉତ୍କଳମଣି ଗୋପବନ୍ଧୁ

॥ ରାଜସ୍ମିତା ବାରିକ୍ ॥

ଭଗବାନଙ୍କ ସୃଷ୍ଟି ରେ ଯେଉଁ ମହାନ ପୁରୁଷ ମାନେ ଜନ୍ମ ନିଅନ୍ତି ତାଙ୍କର ସମଗ୍ର ଜୀବନ ସମାଜ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ । ସେଥି ମଧ୍ୟ ରୁ ଉତ୍କଳମଣି ଗୋପବନ୍ଧୁ ଦାସ ଥିଲେ ଜଣେ ଅନନ୍ୟ ନିଃସ୍ୱାର୍ଥପର ଦେଶପ୍ରେମୀ । ସେ ୧୮୭୭ ମସିହା ଅକ୍ଟୋବର ୯ ତାରିଖ ପୁରୀ ଜିଲ୍ଲା ର ସୁଆଣ୍ଡୋ ଗ୍ରାମ ରେ ପିତା ଦୈତାରି ଦାସ ଏବଂ ମାତା ସ୍ୱର୍ଣ୍ଣଗର୍ଭା ସ୍ୱର୍ଣ୍ଣମୟୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ । ସେ ଜଣେ ଦେଶ ସେବକ, ରାଜନୀତିଜ୍ଞ, ସାମ୍ବାଦିକ, ଶିକ୍ଷା, ସମାଜ ସଂସ୍କାରକ ଏବଂ ସ୍ୱାଧୀନତା ସଂଗ୍ରାମୀ ଭାବେ ଭାରତୀୟ ଙ୍କ ପାଖରେ ଅମର ହୋଇରହିଯାଇଛନ୍ତି । ତାଙ୍କର ମହତ ଚିନ୍ତାଧାରା ଓ ଜୀବନ ଦର୍ଶନ ଆଜି ବି ସମଗ୍ର ବିଶ୍ୱକୁ ଦିଗଦର୍ଶନ ପ୍ରଦାନ କରୁଛି । ମଣି ଯେପରି ଏକ ମୂଲ୍ୟବାନ ବସ୍ତୁ ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ସେହି ପରି ଥିଲେ ଗୋପବନ୍ଧୁ ତାଙ୍କର କର୍ମ ତାଙ୍କୁ ଆଜି ଅମର କରିଛି । ଆଜି ସେ ସମଗ୍ର ଉତ୍କଳ ବାସିଙ୍କ ହୃଦୟରେ ଉତ୍କଳର ମଣି ହୋଇ ଶୋଭା ପାଉଛନ୍ତି । ଦୀନ, ଦୁଃଖୀ ଓ ବନ୍ୟା ମରୁଡିଗ୍ରସ୍ତ ଲୋକଙ୍କ ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିବା ସେହି ମହାନ ଆତ୍ମାଙ୍କୁ ଆଜି ବି ସମଗ୍ର ଦେଶ ମନେ ରଖିଛି । ସେ ତାଙ୍କ ଜୀବନ ର ଖୁବ୍ ଅଳ୍ପ ବୟସରେ ତାଙ୍କ ମାତାଙ୍କୁ ହରାଇ ଥିଲେ । ତାଙ୍କ ପିଉସୀ ତାଙ୍କର ଲାଳନ ପାଳନ କରିଥିଲେ । ସେ ନିଜ ମାତୃଭୂମିକୁ ବହୁତ ଭଲ ପାଉଥିଲେ ଏବଂ ମାତୃଭୂମି ପାଇଁ ସଦାସର୍ବଦା ଉତ୍ସର୍ଗୀକୃତ ଥିଲେ । ଓଡିଆ ଜାତିର ପଥ ପ୍ରଦର୍ଶକ ଥିଲେ ।

ତାଙ୍କର ଶିକ୍ଷା ଜୀବନରେ ସେ ପୁରୀରୁ ମାଟ୍ରିକ ପାସ କରି ସେ କଟକର ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନ କରିଥିଲେ । ତାଙ୍କର ବାର ବର୍ଷ ବୟସରେ ବିବାହ ହୋଇଥିଲା । ସେ ଅପତୀ ଦେବୀଙ୍କୁ ବିବାହ କରିଥିଲେ । ବହୁତ ଅଳ୍ପ ବୟସରେ ବିବାହ ହୋଇଥିଲେ ମଧ୍ୟ ପାଠ ପଢା ଜାରି ରଖିଥିଲେ । ସମାଜ ସେବା ତାଙ୍କ ଜୀବନ ରେ ବ୍ରତ ଭାବେ ଗ୍ରହଣ କରିଥିଲେ । ଗୋପବନ୍ଧୁ ପୁରୀରେ ହଇଜା ରୋଗରେ ପୀଡ଼ିତ ଲୋକମାନଙ୍କର ସେବା ପାଇଁ ପୁରୀ ସେବା ସମିତି ପ୍ରତିଷ୍ଠା କରିଥିଲେ । ଏହି ସଂଗଠନର ସାଥୀମାନଙ୍କ ସହ ସେ ରୋଗୀସେବା, ପରିବେଶ ପରିଛନ୍ନତା ଓ ଶବସଂସ୍କାର ଇତ୍ୟାଦି କାମ କରୁଥିଲେ । ତାଙ୍କର ଏମିତି ନିଃସ୍ୱାର୍ଥପର ସମାଜସେବା ପାଇଁ ଆଜି ବିଶ୍ୱ ଜନମାନସ ରେ ଜୀବିତ ହୋଇରହିଛନ୍ତି । ମୃତ୍ୟୁ ତାଙ୍କ ଶରୀରକୁ ସ୍ପର୍ଶ କରିଛି କିନ୍ତୁ ତାଙ୍କ କର୍ମ ତାଙ୍କୁ ଆଜି ଅମର କରିଛି । ସେ ଶିକ୍ଷା ର ଯେ ଛୋଟ ବୀଜ ରୋପଣ କରିଥିଲେ ଛୋଟ ଚାଟ ଶାଳୀରେ ପଢା ଆରମ୍ଭ କରିଥିଲେ ଆଜି ସେ ମହାନ ଦ୍ରୁମ ହୋଇ ଓଡ଼ିଆ ବିଶ୍ୱବିଦ୍ୟାଳୟ ରୂପରେ ପରିଣତ ହୋଇଛି । ଯାହା ଆଜି ସମସ୍ତ ଙ୍କୁ ଶିକ୍ଷା ପ୍ରଦାନ କରୁଛି । ମଧୁସୂଦନ ରାଓଙ୍କ ନିଷ୍ପତି କ୍ରମେ ତାଙ୍କ ନେତୃତ୍ୱରେ ପଂଚସଖା ମିଶି ସାକ୍ଷୀଗୋପାଳର ବକୁଳ ବନ ନିକଟରେ ୧୯୦୯ ମସିହାରେ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ୧୯ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରଥମେ ଶିକ୍ଷା ଆରମ୍ଭ କରାଯାଇଥିଲା । ଗୋପବନ୍ଧୁଙ୍କ ସହ ପଂଚସଖା ନୀଳକଣ୍ଠ ଦାଶ, କୃପାସିନ୍ଧୁ ମିଶ୍ର, ଆଚାର୍ଯ୍ୟ ହରିହର, ଗୋଦାବରିଶ ମିଶ୍ର ମଣିଷ ତିଆରି କାରଖାନାର ଭିତି ପକାଇ ଥିଲେ । ସତ୍ୟବାଦୀ ବନବିଦ୍ୟାଳୟ ରେ ଛାତ୍ର ମାନଙ୍କୁ ପାଠ ପଢା ଯାଉନଥିଲା ପାଠ ସହ ଦେଶର ସ୍ୱାଧୀନତା ହାସଲ ପାଇଁ ଓ ଅସହାୟ ବ୍ୟକ୍ତିର ସହାୟ ହେବା ପରୋପକାର କରିବା ଇତ୍ୟାଦି ଶିକ୍ଷା ଦିଆଯାଉଥିଲା । ଓଡ଼ିଶାରେ ସଂଘଟିତ ହେଉଥିବା ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟିରେ ବିଦ୍ୟାଳୟ ତରଫରୁ ଚୁଡା, ଚାଉଳ ଆଦି ପ୍ରପୀଡ଼ିତ ଅଂଚଳରେ ବଂଟାଯାଉଥିଲା ।

ଗୋପବନ୍ଧୁ ସଦାସର୍ବଦା ମାତୃଭୂମି ପାଇଁ ସମର୍ପିତ ଥିଲେ ସେ ଲେଖିଥିଲେ ।

- ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶ ବାସି ଚାଲିଯାଆନ୍ତୁ ପିଠିରେ
ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ

ମାତୃଭୂମି ପାଇଁ ନିଜ ଜୀବନକୁ ସମର୍ପଣ କରିବାକୁ ପଛାଇ ନଥିଲେ ।

ସେ ନିଜ ପରିବାରକୁ ଛାଡ଼ି ସମଗ୍ର ଦେଶ ବାସିଙ୍କୁ ନିଜ ପରିବାର ଭାବୁଥିଲେ । 'ବସୁଧୈବ କୁଟୁମ୍ବକମ' ଅର୍ଥାତ୍ ସମଗ୍ର ବସୁଧା ଗୋଟିଏ ପରିବାର । ନିଜ ଶିଶୁ ପୁତ୍ରକୁ ଧ୍ୟାନ ନ ଦେଇ ଦେଶ ସେବା କରିବା ପାଇଁ ଆଗେଇ ଯାଉଥିଲେ । ଦୁର୍ଭାଗ୍ୟ ବଶତଃ ଶିଶୁ ପୁତ୍ର ଟିର ମୃତ୍ୟୁ ହୋଇଥିଲା । ସେ ପରିବାର ଅପେକ୍ଷା ଦେଶ ସେବାକୁ ଅଧିକ ଗୁରୁତ୍ୱ ଦେଉଥିଲେ ।

ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସେ ଜତବ୍ୟ ବୋଧିନୀ ସମିତି ଗଠନ କରିଥିଲେ । ମାତୃଭୂମି ଏବଂ ମାତୃଭାଷାର ସୁରକ୍ଷା ପାଇଁ ସଦା ସର୍ବଦା ତତ୍ପର ଥିଲେ । ଭାଷା ହେଉଛି ବ୍ୟକ୍ତିର ପରିଚୟ । ଓଡିଆ ଭାଷାର ସୁରକ୍ଷା ଓ ଓଡିଆ ଜାତିର ସୁରକ୍ଷା ପାଇଁ ଗୋପବନ୍ଧୁଙ୍କ ସମେତ ଅନେକ ଓଡ଼ିଆ ନେତା ଆଗକୁ ଆସିଥିଲେ । ଜନ୍ମଭୂମି ପ୍ରତି ତାଙ୍କର ବଳିଦାନ ପାଇଁ ଆଜି ସେ ସମସ୍ତ ଓଡ଼ିଆ ଭାଇ ଭଉଣୀଙ୍କ ହୃଦୟରେ ଉତ୍କଳ ମଣି ହୋଇ ରହିଛନ୍ତି ।

ସେଥିପାଇଁ କୁହାଯାଏ -

'ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପି ଗରୀୟସି'

ଯାହା ଗୋପବନ୍ଧୁ ମର୍ମେ ମର୍ମେ ଅନୁଭବ କରିଥିଲେ ଓ ତାହାକୁ ପାଳନ କରୁଥିଲେ । ସେ ୧୯୦୪ ମସିହାରେ ରେଭେନ୍ସା ମହାବିଦ୍ୟାଳୟରୁ ବିଏ ପାସ କଲେ ଓ ତାହାପରେ କଲିକତାରେ ବିଏଲ ପଢ଼ିଲେ । ସେ ସବୁବେଳେ ଦୁଃଖୀ ଦରିଦ୍ରଙ୍କ ସେବା ପାଇଁ ଆଗଭର ହେଉଥିଲେ । କଲିକତାରେ ବିଏଲ୍ ପଢିବା ସମୟରେ ପ୍ରବାସୀ ଓଡ଼ିଆ ଶ୍ରମିକ ମାନଙ୍କ ସହାୟତା ପାଇଁ ଓଡ଼ିଆ ଶ୍ରମିକ ସଂଘ ଗଠନ କରିଥିଲେ । ଗୋପବନ୍ଧୁ ଦାସ ବାଲେଶ୍ୱର ଜିଲ୍ଲାର ନୀଳଗିରିଠାରେ ଶିକ୍ଷକ ରୂପେ କାର୍ଯ୍ୟ କରିଥିଲେ । ଲୋକ ମାନଙ୍କ ଦୁଃଖ ଦୁର୍ଦ୍ଦଶାକୁ ଅବଗତ କରାଇବା ପାଇଁ ୧୯୧୯ ମସିହା ଅକ୍ଟୋବର ମାସ ୪ ତାରିଖ ଦଶହରା ତିଥିରେ ସାପ୍ତାହିକ 'ସମାଜ' ଖବରକାଗଜ ପ୍ରକାଶ କରିଥିଲେ । ପ୍ରଥମେ ଏହା ୧୯୧୯ ମସିହାରେ ସତ୍ୟବାଦୀରୁ, ୧୯୨୪ ମସିହାରେ ପୁରୀରୁ ଓ ଶେଷରେ ୧୯୨୭ ମସିହାରେ କଟକରୁ ପ୍ରକାଶିତ ହେଉଥିଲା । ୧୯୩୦ରେ 'ସମାଜ' 'ସାପ୍ତାହିକରୁ ଦୈନିକ ଖବରକାଗଜରେ ପରିଣତ ହୋଇଥିଲା । ତାଙ୍କର ସମ୍ବାଦ ପତ୍ର 'ସମାଜ'ରେ ଇଂରେଜ ସରକାରଙ୍କ ଅତ୍ୟାଚାର, ଅବିଚାର ଏବଂ ପୁଲିସର ସାଧାରଣ ଲୋକଙ୍କ ବିରୋଧରେ ଅତ୍ୟାଚାରକୁ ସମାଜ ଖବର କାଗଜରେ ପ୍ରକାଶ ପାଇଲା ଇଂରେଜ ସରକାର ଗୋପବନ୍ଧୁଙ୍କୁ ବନ୍ଦୀ କରିଦେଲେ । ଲୋକ ମାନଙ୍କ ମଙ୍ଗଳ ପାଇଁ ଇଂରେଜଙ୍କ ଦ୍ୱାରା ବନ୍ଦୀ ହେଲେ । ଓଡ଼ିଆ ସାହିତ୍ୟ ରେ ମଧ୍ୟ ଗଭୀର ପାଣ୍ଡିତ୍ୟ ଅର୍ଜ୍ଜନ କରିଥିଲେ । ଇଂରେଜ ସରକାରଙ୍କ ଦ୍ୱାରା କାରାଦଣ୍ଡ ସମୟରେ ସେ ଲେଖିଥିଲେ 'କାରାକବିତା' ଏବଂ 'ବନ୍ଦୀର ଆତ୍ମକଥା' ନାମରେ ଦୁଇଟି କାବ୍ୟଗ୍ରନ୍ଥ ରଚନା କରିଥିଲେ । ଅନ୍ୟ ଲେଖା ଗୁଡିକ ହେଉଛି – ଅବକାଶ ଚିନ୍ତା, ଧର୍ମପଦ, ବ୍ରହ୍ମତତ୍ତ୍ୱ ବା ନଚିକେତା ଉପାଖ୍ୟାନ, ଗୋମାହାତ୍ମ୍ୟ ଏବଂ ଓଡ଼ିଆର ଜାତୀୟତା । ନିଜ ଲେଖା ମାଧ୍ୟମରେ ଲୋକ ମାନଙ୍କୁ ମଧ୍ୟ ତତ୍ପର ହେବା ପାଇଁ କହୁଥିଲେ । ୧୯୨୪ ମସିହାରେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ତାଙ୍କୁ 'ଉତ୍କଳମଣି' ବୋଲି ସମ୍ବୋଧନ କରିଥିଲେ । ରାଜନୀତି ରେ ମଧ୍ୟ ସେ ପାରଙ୍ଗମ ଥିଲେ । ବିହାର – ଓଡ଼ିଶା ପ୍ରଦେଶର ବିଧାନ ସଭାର ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ । ୧୯୨୧ ମସିହାରେ ସେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ଅଧ୍ୟକ୍ଷ ହୋଇଥିଲେ । ଗୋପବନ୍ଧୁ ନିଜ ଜୀବନକୁ ଦେଶ ମାତୃକାର ସେବାରେ ସମର୍ପିତ କରିଦେଇଥିଲେ । ଲାହୋର ଯିବା ବାଟରେ ସେ କଲିକତାଠାରେ ଅଧିକ ଜ୍ୱରରେ ଆକ୍ରାନ୍ତ ହୋଇ ସତ୍ୟବାଦୀ ଫେରିଆସିଥିଲେ । ଏହାପରେ ଧୀରେଧୀରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା ୧୯୨୮ ମସିହା ଜୁନ ୧୭ ତାରିଖ ମୃତ୍ୟୁ ବରଣ କରିଥିଲେ । ଆଜି ସେଇ ଯୁଗଜନ୍ମା ପୁରୁଷ ସମଗ୍ର ଓଡ଼ିଆ ଜାତି ନିକଟରେ ଅମର ହୋଇ ରହିଯାଇଛନ୍ତି ।ଆଜି ଗୋପବନ୍ଧୁ ନାହାନ୍ତି ସତ, ଇତିହାସର ପୃଷ୍ଠାରେ ଇତିହାସ ହୋଇଯାଇଛନ୍ତି ସତ, କିନ୍ତୁ ସାରା ଦେଶ ତାଙ୍କର କର୍ମ ପାଇଁ ତାଙ୍କୁ ଝୁରୁଛି । ତାଙ୍କର କର୍ମ ତାଙ୍କୁ ମହାନ୍ କରିଛି ।

*ନୀଳଗିରି, ବାଲେଶ୍ୱର*

